# ତହସିଲଦାରଙ୍କ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା

## ପଥର ଖୋଦାନ ପାଇଁ ବିଜ୍ଞପ୍ତି

ବିଜ୍ଞାପନ ସଂଖ୍ୟା........୨୪........ ତାରିଖ....୦୪/୦୧/୨୦୨୨....

| କ୍ର.ସଂ | ସୈରାତ ଖଣି ର ନାମ | ମୌଜାର ନାମ | ଖତିୟାନ ନଂ | ପ୍ଲଟ ନଂ | ରକବା | ସର୍ବନିମ୍ନ ମୂଲ୍ୟ | ଅତିରିକ୍ତ ମୂଲ୍ୟ | ବାର୍ଷିକ ହାରାହାରି ଗେରେଣ୍ଟେଡ ପରିମାଣ | ଅମାନତ ରାଶି |
|---|---|---|---|---|---|---|---|---|---|
| 1 | ସାହାଯୋଟ ପଥର ଖୋଦାନ | ସାହାଯୋଟ | 61 | 447 | ଏ.3.80ଡି | 130.00 | 5% | 1260 CUM | 8631 |

ଇଚ୍ଛୁକ ବ୍ୟକ୍ତ ସବିଶେଷ ତଥ୍ୟ ଓଡିଶା ମାଇନର ମିନେରାଲ କନସେଶନ ରୁଲ 2016 ଫାରମ ସଂଖ୍ୟା- M ରେ ପୂରଣ କରି ଏହାର ତିନିକପି ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ସିଲ୍ଡ କଭର ରେ ଆବେଦନ କରିବେ , ଯାହା ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ତା.**25.01.2022** ରିଖ ଅପରାହ୍ନ **5.00** ଘଟିକା ସୁଦ୍ଧା(ଛୁଟି ଦିନ ବ୍ୟତିତ) ଡ୍ରପ୍ ବାକ୍ସରେ ଦାଖଲ କରିବେ । ଲଫାପା ଉପରେ ଆବେଦନ କରିଥିବା ଖଣିର ନାମ ଲେଖାଥିବା ଆବଶ୍ୟକ । କୌଣସି କାରଣ ନ ଦର୍ଶାଇ ନିଲାମକୁ ସ୍ଥଗିତ/ରଦ୍ଦ କରିବାର କ୍ଷମତା ଭାରପ୍ରାପ୍ତ ଅଧିକାରୀ ଓ ଜିଲ୍ଲାପାଳ, ବଲାଙ୍ଗିରଙ୍କର ରହିଛି । ସମସ୍ତ ପ୍ରାପ୍ତ ହୋଇଥିବା ବନ୍ଦ ଲଫାପାଗୁଡିକ ତା.**27.01.2022** ରିଖପୂର୍ବାହ୍ନଘ **11.00**ଣ୍ଟା ସମୟରେ ଲିଜ ଦରଖାସ୍ତକାରୀ କିମ୍ବା ତାଙ୍କ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯାଇ ଦରଖାସ୍ତଗୁଡିକ ତନଖି କରାଯିବ । ଯଦି ଏହି ସୈରାତ ଉତ୍ସ ପାଇଁ ଦରଖାସ୍ତ ଆଦୌ ମିଳି ନ ଥିବ, ତେବେ ଉକ୍ତ ସୈରାତ ଉତ୍ସ ର ଲିଜ୍ ଦରଖାସ୍ତ ଦ୍ୱିତୀୟ ଦଫା ପାଇଁ ଗ୍ରହଣ କରିବାର ଶେଷ ତାରିଖ ତା.**29.01.2022** ସମୟ ଅପରାହ୍ନ **5.00** ଘଟିକା ଅଟେ ଏବଂ ଦରଖାସ୍ତ ଗୁଡିକ ତନଖି ପାଇଁ **ତା.31.01.2022** ରିଖ ପୂର୍ବାହ୍ନ ଘ.11.00 ଘଟିକା ସମୟରେ ଖୋଲାଯାଇ ତନଖି କରାଯିବ । ଯଦି ଏହି ସୈରାତ ଉତ୍ସ ପାଇଁ ଦରଖାସ୍ତ ଆଦୌ ମିଳି ନ ଥିବ, ତେବେ ଉକ୍ତ ସୈରାତ ଉତ୍ସ ର ଲିଜ୍ ଦରଖାସ୍ତ ତୃତୀୟ ଦଫା ପାଇଁ ଗ୍ରହଣ କରିବାର ଶେଷ ତାରିଖ ତା.**01.02.2022** ସମୟ ଅପରାହ୍ନ **5.00** ଘଟିକା ଅଟେ ଏବଂ ଦରଖାସ୍ତ ଗୁଡିକ ତନଖି ପାଇଁ **ତା.02.02.2022** ରିଖ ପୂର୍ବାହ୍ନ ଘ.11.00 ଘଟିକା ସମୟରେ ଖୋଲାଯାଇ ତନଖି କରାଯିବ । ସମସ୍ତ ଆବେଦନ ଓ ତନଖି କାର୍ଯ୍ୟ ବଙ୍ଗୋମୁଣ୍ଡା ତହସିଲଦାରଙ୍କ କାର୍ଯ୍ୟାଳୟରେ ସମାପନ କରାଯିବ ଏବଂ ସର୍ବୋଚ୍ଚ ଦର (Rate of additional charge) ଧାର୍ଯ୍ୟକରିଥିବା ଦରଖାସ୍ତକାରୀଙ୍କ ସପକ୍ଷରେ ନିଲାମ ମଞ୍ଜୁର କରାଯିବା । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ ।

ତହସିଲଦାର, ବଙ୍ଗୋମୁଣ୍ଡା

Scanned with CamScanner

# ଦରଖାସ୍ତ ସହ ଦାଖଲ କରିବାକୁ ଥିବା ଦଲିଲ/କାଗଜାତ

1. ଦରଖାସ୍ତ ଫି ସକାଶେ ଟ. 1000.00 ଙ୍କା ଟ୍ରେଜେରି ଚାଲାନ I( Head of Account-0853-Non Ferrous Mining and Metallurgical Industries -102-Mineral Concession Fees, Rents and Royalties)
2. ଦରଖାସ୍ତକାରୀଙ୍କ ନିମନ୍ତେ ସୈରାତ ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ ।
3. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ନିୟମ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ସତ୍ୟପାଠ ଦାଖଲ ।
4. Solvency certificate ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା କିମ୍ବା ବ୍ୟାଙ୍କ ଗାରେଣ୍ଟି (ଅନ୍ୟୁନ 18 ମାସ ପର୍ଯ୍ୟନ୍ତ କାଏମ ଥିବା) ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୁଲ୍ୟ [Minimum Guaranteed Quantity x {Royalty x (Rate of Additional Charge offered by the applicant %)}] ଠାରୁ ଅଧିକ ହୋଇଥିବା ଆବଶ୍ୟକ ଏବଂ ରାଜସ୍ୱ ନିରୀକ୍ଷକଙ୍କଠାରୁ ପ୍ରାପ୍ତ ସ୍ଥାବର ସମ୍ପତ୍ତି ର ତାଲିକା ପ୍ରମାଣ ପତ୍ର ଦାଖଲ କରିବେ ।
5. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୁହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ।
6. ଆବେଦନକାରୀ ସ୍ତରରେ ଦିଆଯାଇଥିବା ଆମାନତ ରାଶି (EMD) ର ଅର୍ଥକୁ ଡିମାଣ୍ଡ ଡ୍ରାଫ୍ଟ ଆକାରରେ ତହସିଲଦାର, ବଙ୍ଗୋମୁଣ୍ଡାଙ୍କ ସପକ୍ଷରେ ଥାଇ ବନ୍ଦ ଲଫାପାରେ ଦରଖାସ୍ତ ସହିତ ସଂଲଗ୍ନ କରିବା ଆବଶ୍ୟକ ଅଟେ ।
7. ବୈଧ ଥିବା GST Numberର ନକଲ ସଂଲଗ୍ନ ଥିବା ଆବଶ୍ୟକ ।

[signature] 04/01/2022.
ତହସିଲଦାର, ବଙ୍ଗୋମୁଣ୍ଡା

Scanned with CamScanner

# ସର୍ତ୍ତାବଳୀ

8. ଦରଖାସ୍ତକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମ-2016 ଓ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି(ସଂଶୋଧନ) ନିୟମ-2017 ର ପରିସରଭୁକ୍ତ ରହିବେ ।
9. ଲିଜ୍ ରେ ଅଂଶ ଗ୍ରହଣ କରୁଥିବା ବ୍ୟକ୍ତି ବିଶେଷ, ଲିଜ୍ ପାଇଁ ଦରଖାସ୍ତ ପୂର୍ବରୁ ସୈରାତ ଉତ୍ସ ଗୁଡିକ ପରିଦର୍ଶନ କରି, ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସଂପର୍କରେ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବା ଆବଶ୍ୟକ ।
10. ଲିଜ ନେବା ପରେ ସୈରାତ ଚଳାଇବା ସଂପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
11. ଯୋଗ୍ୟ ବିବେଚିତ ହୋଇଥିବା ଦରଖାସ୍ତକାରୀ, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଅମାନତ ରାଶି(EMD) କୁ ବ୍ୟାଙ୍କ ଡ୍ରାଫ୍ଟ ଆକାରରେ ଜମାଦେବେ ଏବଂ ଧାର୍ଯ୍ୟ ସମୟସୀମା ମଧ୍ୟରେ ମାଇନିଂ ପ୍ଲାନ ଓ ପରିବେଶ ମଞ୍ଜୁରୀ ଦାଖଲ କରିବେ ନଚେତ ଅମାନତ ରାଶି ବ୍ୟାଜ୍ୟପ୍ତି କରାଯିବ ।
12. ମାଇନିଂ ପ୍ଲାନଟି FORM-ZB ରେ ମାଇନିଂ ଅଧିକାରୀ, ବଲାଙ୍ଗିର ଙ୍କ ନିକଟରୁ ଅନୁମୋଦିତ ହେବା ଆବଶ୍ୟକ ତଥା ଭାରତ ସରକାଙ୍କ ଅଧିସୂଚନା ସଂଖ୍ୟା 1533 ତା-14.09.2006 ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ ପରିବେଶ ମଞ୍ଜୁରୀ ଅନୁମୋଦିତ ହୋଇଥିବା ବିଧେୟ ।
13. ଯୋଗ୍ୟ ବିବେଚିତ ହୋଇଥିବା ଦରଖାସ୍ତ କାରୀ Mining Plan (MP) ର ସମସ୍ତ ଖର୍ଚ୍ଚ ଓ Environment clearance ର ସମସ୍ତ ଖର୍ଚ୍ଚ ଏହି କାର୍ଯ୍ୟାଳୟରେ ଜମା କରିବେ ।
14. ପ୍ରାଧିକୃତ ଅଧିକାରୀ ମାଇନିଂ ପ୍ଲାନରେ ଦର୍ଶାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ତଥା ଲିଜ୍ ଧାରୀଙ୍କ ଦ୍ୱାରା ଦରଖାସ୍ତରେ ଦର୍ଶାଯାଇଥିବା ରୟାଲିଟିର ମୁଲ୍ୟ(Rate of additional charge)କୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥ ହେବ ଲିଜ୍ ଧାରୀଙ୍କୁ ଏକକାଳୀନ ପଇଠ କରିବାକୁ ପଡିବ । ସଂପୂର୍ଣ୍ଣ ରାଶି ପଇଠ ହେଲା ପରେ ଲିଜ୍ ଧାରୀ 7(ସାତ ଦିନ ମଧ୍ୟରେ ଓଡିଶା ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ଆବଶ୍ୟକୀୟ ଚୁକ୍ତିନାମା(Agreement) ନିଜ ଖର୍ଚ୍ଚରେ ସଂପାଦନ କରିବେ ।
15. ସର୍ବାଧିକ ରୟାଲିଟି(Rate of additional charge) ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀ ଲିଜ୍ ନ ନେଲେ କିମ୍ବା ସର୍ତାବଳୀ ର ଖିଲାପ କରନ୍ତି ତେବେ ତାଙ୍କ ପରବର୍ତ୍ତୀ ସର୍ବାଧିକ ରୟାଲଟି(Rate of additional charge) ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ କ୍ରମାନ୍ୱୟରେ ସୁଯୋଗ ଦିଆଯିବ ।
16. ଦରଖାସ୍ତକାରୀ ବା ଲିଜ୍ ଧାରୀ ଦାଖଲ କରିଥିବା ସମସ୍ତ ରୟାଲିଟି ମୂଲ୍ୟର ଶତକଡା 5(ପାଞ୍ଚ) ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବାକୁ ପଡିବ ।
17. ଉପରୋକ୍ତ ନିୟମ ଧାରା-28 ଅନୁଯାୟୀ ଲିଜ୍ ଧାରୀଙ୍କୁ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା Dead Rent, Compensatory Afforestation ନିମନ୍ତେ ଫି ଏବଂ Surface Rent ଦାଖଲ କରିବାକୁ ପଡିବ ।
18. ଲିଜ୍ ଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି / Dead Rent ଧାର୍ଯ୍ୟମୂଲ୍ୟ ଜମାକରିବାକୁ ପଡିବ ।
19. ଲିଜ୍ ଧାରୀ ଦାଖଲ କରିଥିବା ସମସ୍ତ ରୟାଲଟି ମୂଲ୍ୟର ଶତକଡା 2(ଦୁଇ) ଭାଗ ଅର୍ଥ ଆୟକର ବାବଦକୁ ଜମା କରିବେ ।
20. ବାଲି ନିଲାମଧାରୀ ନଦୀ ଶଯ୍ୟାରେ 3(ତିନି) ମିଟର ଜଳସ୍ତର ର ନିମ୍ନକୁ କିମ୍ବା ଉତ୍ସ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ନିର୍ଦ୍ଧାରିତ ସର୍ତ ବ୍ୟତିକ୍ରମକରି ବାଲି ଉତ୍ତୋଳନ କରିପାରିବେ ନାହିଁ ।
21. ଆବଶ୍ୟକ ସ୍ଥଳେ ନିୟମ ଅନୁଯାୟୀ ସିକ୍ୟୁରିଟି ବାବଦ ଜମାରାଶିକୁ ବାଜ୍ୟାପ୍ତି କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।
22. ପଥର କ୍ୱାରୀ ନିମନ୍ତେ ଲିଜ୍ ଧାରୀ Explosive License ବଲାଙ୍ଗୀର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ନିଜ ଖର୍ଚ୍ଚରେ ପ୍ରାପ୍ତକରି କାର୍ଯ୍ୟାଳୟରେ ଦାଖଲ କରିବେ ।

Scanned with CamScanner

23. ଲିଜ୍ ଧାରୀ Consent to operate ପାଇଁ ନିଜ ଖର୍ଚ୍ଚରେ Pollution Control Board, Sambalpur ଙ୍କ କାର୍ଯ୍ୟାଳୟରୁ ଅନୁମୋଦିତ ନଥିପତ୍ର ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ରେ ଦାଖଲ କରିବେ ।

24. ଯଦି ଏହି ବିଜ୍ଞାପନରେ ନିୟମ ଅନୁଯାୟୀ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନସ୍ୱାକ୍ଷରକାରୀଙ୍କର ରହିଛି ।

ତହସିଲଦାର, ବଙ୍ଗୋମୁଣ୍ଡା 04/08/2022

ଜ୍ଞାପକ ସଂଖ୍ୟା......94.8...... ତାରିଖ......04.08.2022

ଏହାର ଏକକିତା ନକଲ ଜିଲ୍ଲାପାଳ, ବଲାଙ୍ଗିର/ ଉପଜିଲ୍ଲାପାଳ, ଟିଟିଲାଗଡ/ ଗୋଷ୍ଠି ଉନ୍ନୟନ ଅଧିକାରୀ, ବଙ୍ଗୋମୁଣ୍ଡା/ଭାରପ୍ରାପ୍ତ ଥାନାଧିକାରୀ, ବଙ୍ଗୋମୁଣ୍ଡା/ ରାଜସ୍ୱ ନିରିକ୍ଷକ, ବଙ୍ଗୋମୁଣ୍ଡା/ତୁଲିଫୁଙ୍କା/ଭାଲୁମୁଣ୍ଡା/ଝରିଆଲ/ସିନ୍ଧେକେଲା/ଗନ୍ଧର୍ଲା/ ସମ୍ପୃକ୍ତ ଗ୍ରାମ/ ଗ୍ରାମ ପଞ୍ଚାୟତ ଙ୍କ ଅବଗତି ସଙ୍ଗେ ସର୍ବସାଧାରଣଙ୍କ ଅବଗତି ଓ ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ତହସିଲଦାର, ବଙ୍ଗୋମୁଣ୍ଡା 04/08/2022

ଜ୍ଞାପକ ସଂଖ୍ୟା......94.9......ତାରିଖ......04.08.2022

ଏହାର ଏକକିତା ନକଲ District Informatics Officer, NIC, Balangir ଙ୍କୁ http://balangir.nic.inରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ, ବଲାଙ୍ଗିରଙ୍କ କାର୍ଯ୍ୟାଳୟକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନୋଟିସ ବୋର୍ଡରେ ପ୍ରକାଶ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବଙ୍ଗୋମୁଣ୍ଡା 04/08/2022

Scanned with CamScanner